# NATIONAL NEWS BULLETIN (ODIA)

**10 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାମଗ୍ରୀ ବିନିର୍ମାଣଠାରୁ ଆରମ୍ଭ କରି ସ୍ୱଦେଶୀ ବିମାନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମନିର୍ଭରତାର ସହ ଭାରତ ଅଗ୍ରସର ହେଉଛି - କହିଲେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ।

- ନୂଆଦିଲ୍ଲୀଠାରେ ମାଲେସିଆ, ତିମରଲିସ୍ତେ ଓ ମ୍ୟାମାଁର ପ୍ରତିପକ୍ଷଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା ବୈଠକରେ ଯୋଗଦେଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।

- ବ୍ରିକ୍ସ ଶିଖର ସମ୍ମିଳନୀ ପରିପ୍ରେକ୍ଷୀରେ ଆଜିଠାରୁ ନୂଆଦିଲ୍ଲୀରେ ଡ୍ରୋନ୍ ଉଡାଣ ଉପରେ ଦିଲ୍ଲୀ ପୁଲିସର ନିଷେଧାଦେଶ ଜାରି ।

- ନେପାଳକୁ ୧୩୦ ଟନ୍‌ରୁ ଅଧିକ ରିଲିଫ ସାମଗ୍ରୀ ଯୋଗାଇଛି ଭାରତ; ମୃତ୍ୟୁସଂଖ୍ୟା ୧ ହଜାର ୩୭୭କୁ ବୃଦ୍ଧି ।

ଏବଂ

- ଏସିଆ କପ୍ ଟି-୨୦ ମହିଳା କ୍ରିକେଟ୍ ପ୍ରତିଯୋଗିତାର ଆଜି ସେମିଫାଇନାଲରେ ଭାରତ ଓ ବାଂଲାଦେଶ ମଧ୍ୟରେ ହେବ ମ୍ୟାଚ୍ ।

# ସିଭିଲି ଏଭିଏସନ

ସାମଗ୍ରୀ ବିନିର୍ମାଣଠାରୁ ଆରମ୍ଭ କରି ସ୍ୱଦେଶୀ ନିର୍ମିତ ବିମାନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଭାରତ ଆତ୍ମନିର୍ଭରତାର ଦୃଷ୍ଟିକୋଣ ସହ ଅଗ୍ରସର ହେଉଛି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି । ନୂଆଦିଲ୍ଲୀରେ ବିଶ୍ୱ ଏରୋସ୍ପେସ୍ ଯୋଗାଣ ଶୃଙ୍ଖଳରେ ସମନ୍ୱିତ ଏମ୍ଏସ୍ଏମ୍ଇ କ୍ଷେତ୍ର ଆଧାରିତ ଜାତୀୟ ପଦକ୍ଷେପ 'ଭୋର୍‌ଟେକ୍ସ' ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ନାଇଡୁ ଏହା କହିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ବିମାନ ଚଳାଚଳ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି । ଭାରତୀୟ ମହକାଶ ଓ ପ୍ରତିରକ୍ଷା ବଜାର କ୍ଷେତ୍ର ଗତବର୍ଷ ୩୦ ବିଲିୟନ ଡଲାର ରହିଥିଲା । ଆସନ୍ତା ୨୦୩୫ରେ ଏହା ବୃଦ୍ଧି ପାଇ ୬୧ ବିଲିୟନ ଡଲାରରେ ପହଞ୍ଚିବାର ଆକଳନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି । ଏହି ସମୟସୀମା ମଧ୍ୟରେ ଦେଶରେ ବିମାନ ଯାତାୟତ କ୍ଷେତ୍ର ବର୍ଷକୁ ୮ ଦଶମିକ ୯ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

ସମାରୋହରେ ଯୋଗଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବ ସମୀର କୁମାର ସିହ୍ନା କହିଛନ୍ତି ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ ଘରୋଇ ବିମାନ ଚଳାଚଳ ବଜାର ପାଲଟିଛି । ବିମାନବନ୍ଦର ସଂଖ୍ୟା ୨୦୧୪ରେ ୭୪ ଥିବାବେଳେ ଏବେ ଏହା ବୃଦ୍ଧି ପାଇ ୧୬୬ରେ ପହଞ୍ଚିଛି । ବିମାନ ସଂଖ୍ୟା ମଧ୍ୟ ୨୦୧୪ର ୩୫୦ରୁ ବୃଦ୍ଧି ପାଇ ୮୫୦ ହୋଇଥିବା ସେ ସୂଚନା ଦେଇଛନ୍ତି ।

---

# ଶିବରାଜ

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ମାଲେସିଆ, ତିମର ଲେସ୍ତେ ଏବଂ ମ୍ୟାମାଁର ପ୍ରତିପକ୍ଷଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ନୂଆଦିଲ୍ଲୀଠାରେ କୃଷି ଏବଂ ଜଙ୍ଗଲ ନବମ ଏସୀୟ ଭାରତ ମନ୍ତ୍ରୀସ୍ତରୀୟ ବୈଠକରେ ଗତକାଲି ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଛି । ମାଲେସିଆର କୃଷି ଏବଂ ଖାଦ୍ୟସୁରକ୍ଷା ମନ୍ତ୍ରୀ ମହମ୍ମଦବିନ୍ ସାବୁଙ୍କ ସହ ଶ୍ରୀ ଚୌହ୍ୱାନ ବିଭିନ୍ନ ପ୍ରସଙ୍ଗ ଶିକ୍ଷା, ଦକ୍ଷତା ଏବଂ ଉନ୍ନତ କାର୍ଯ୍ୟାବଳୀ ସମ୍ପର୍କରେ ମତ ବିନିମୟ କରିଥିଲେ । ଏହି ବୈଠକରେ ଦୁଇଦେଶ ମଧ୍ୟରେ ଯୁଗ୍ମ କୃଷି ଗବେଷଣା, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଉପରେ ମିଳିତ ପଦକ୍ଷେପ ଗ୍ରହଣ କରିବା ପାଇଁ ମତପ୍ରକାଶ ପାଇଥିଲା ।

ସେହିଭଳି ତିମର ଲେସ୍ତେର କୃଷିମନ୍ତ୍ରୀ ମାର୍କୋସ ଦା କ୍ରୁଜ୍ ଦୁଇଦେଶ ମଧ୍ୟରେ କୃଷି ଏବଂ ଖାଦ୍ୟସୁରକ୍ଷା ପ୍ରସଙ୍ଗ ଉପରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ଆଶୁ ସମାଧାନ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା ।

ଇତିମଧ୍ୟରେ ଶ୍ରୀ ଚୌହ୍ୱାନ ମ୍ୟାମାଁର ପ୍ରତିପକ୍ଷ ମିନ୍ ନାଉଙ୍ଗଙ୍କ ସହ ମଧ୍ୟ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଦୁଇଦେଶ ମଧ୍ୟରେ କୃଷି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଭାଗିଦାରୀତା ସହଯୋଗ ବୃଦ୍ଧି କରିବା ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହେବ ବୋଲି ଆଲୋଚନା ହୋଇଛି । ଉଭୟ ଦେଶ ଡାଲିଜାତୀୟ ଶସ୍ୟ କପା, ଦୁଗ୍ଧଜାତ କ୍ଷେତ୍ରରେ ବିକାଶ ଏବଂ କୃଷି ଶିକ୍ଷା ଉପରେ ନୂତନ ମାର୍ଗ ଉନ୍ମୋଚନ ପାଇଁ ସହମତ ହୋଇଛନ୍ତି ।

---

# ରାଜନାଥ ଜାପାନ ଏଆରକ୍ରାପ୍ଟ

ଜାପାନ ବାୟୁ ଆତ୍ମ ପ୍ରତିରକ୍ଷା ବାହିନୀ ଲଢୁଆ ବିମାନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଛି । ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଭାଗିତାରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ କହିଛନ୍ତି ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ବିଶ୍ୱାସ ଏବଂ ଅଙ୍ଗୀକାରବଦ୍ଧତାକୁ ଏହା ପ୍ରତିଫଳନ କରୁଛି । ନୂଆଦିଲ୍ଲୀରେ ଗତମାସରେ ଜାପାନ ପ୍ରତିପକ୍ଷ ସିଞ୍ଜିରୋ ଓଇଜୁମିଙ୍କ ସହ ହୋଇଥିବା ଫଳପ୍ରଦ ଆଲୋଚନା ପରିପ୍ରେକ୍ଷୀରେ ଏହି ଲଢୁଆ ବିମାନ ଭାରତ ଆସିଥିବା ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି । ବୀର ଗାର୍ଡିୟନ ଅଭ୍ୟାସ ମାଧ୍ୟମରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ସମନ୍ୱୟକୁ ସୁଦୃଢ଼ କରିବା ଏଭଳି ପଦକ୍ଷେପର ମୂଳ ଲକ୍ଷ୍ୟ ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ।

---

# ଏସ୍‌ସି-ସୋସିଆଲ ମିଡିଆ

ସାମାଜିକ ଗଣମଧ୍ୟମ ତଥା ଅନ୍ୟାନ୍ୟ ଡିଜିଟାଲ ପ୍ଲାଟଫର୍ମ ଗୁଡ଼ିକର ନାବାଳକଙ୍କ ଦ୍ୱାରା ବ୍ୟବହାର ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସମ୍ମତି ପ୍ରଦାନ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏକ ବେସରକାରୀ ସଂଗଠନ ଦ୍ୱାରା ଆଗତ ଆବେଦନ ଉପରେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପ୍ରତିପକ୍ଷଙ୍କୁ ଜବାବ ଦାଖଲ କରିବାକୁ ନୋଟିସ୍ ଜାରି କରାଯାଇଛି । ଏହି ପ୍ଲାଟଫର୍ମ ଗୁଡ଼ିକରେ ୧୩ବର୍ଷରୁ ଆକାଉଣ୍ଟ ଖୋଲିବାର ବ୍ୟବସ୍ଥା ରହିଥିବାବେଳେ ଭାରତୀୟ

ଆଇନ୍‌ର ଏହା ପରିପନ୍ଥୀ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି । କାରଣ, ଭାରତୀୟ ଆଇନ୍ ୧୮ବର୍ଷରୁ କମ୍ ବୟସ୍କଙ୍କୁ ନାବାଳକ ଭାବେ ବିବେଚନା କରେ । ଏହାଦ୍ୱାରା ଏହି ପ୍ଲାଟଫର୍ମ ଗୁଡ଼ିକରେ ଭାରତୀୟ ଆଇନ୍ ଅନୁଯାୟୀ ରହିଥିବା ପଦକ୍ଷେପ କାର୍ଯ୍ୟକାରୀ ହେବାରେ ବାଧାସୃଷ୍ଟି ହେଉଛି ବୋଲି ଏହି ଆବେଦନପତ୍ରରେ ଉଲ୍ଲେଖ କରାଯାଇଛି ।

## ଦିଲ୍ଲୀ ପୁଲିସ ବ୍ରିକ୍ସ ଅର୍ଡର

ନୂଆଦିଲ୍ଲୀରେ ଆଜିଠାରୁ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଆକାଶପଥଚାଳିତ କ୍ଷୁଦ୍ର ଯାନ ଉଡାଣ ଉପରେ ଦିଲ୍ଲୀ ପୁଲିସ ନିଷେଧାଦେଶ ଜାରି କରିଛି । ୨୦୨୬ ବ୍ରିକ୍ସ ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଏହି ନିଷେଧାଦେଶ ବଳବତ୍ତର ରହିବ । ଦିଲ୍ଲୀ ପୁଲିସ କମିଶନର ଅନୁରାଗ କୁମାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସମ୍ମିଳନୀ ଆୟୋଜନ ପାଇଁ ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ଧାରା ୧୬୩ ଅନୁଯାୟୀ ଏହି ନିଷେଧାଦେଶ ଜାରି କରାଯାଇଛି । ଯେକୌଣସି ପ୍ରକାର ମାନବ ବିହୀନ ବାୟୁଯାନ, ଉଡାଣ ସାମଗ୍ରୀ, ପାରା ଗ୍ଲାଇଡର, ପାରାମୋଟର, ହ୍ୟାଙ୍ଗ ଗ୍ଲାଇଡର, ଗରମ ବାୟୁ ଆଧାରିତ ବେଲୁନ୍ ଏବଂ ପାରା ଜମ୍ପିଂ ଆଦି ଏଥିରେ ଅନ୍ତର୍ଭୁକ୍ତ । ନିଷେଧାଦେଶ ଉଲ୍ଲଙ୍ଘନ କ୍ଷେତ୍ରରେ ସମ୍ପୃକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦିଲ୍ଲୀ ପୋଲିସ ଚେତାବନୀ ଦେଇଛି ।

## ନେପାଳ ଫ୍ଲଡ

ନେପାଳ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ଭାରତ ମାନବିକ ସହାୟତା କ୍ଷେତ୍ରକୁ ବ୍ୟାପକ କରିଛି । ୧୩୦ ଟନ୍‌ରୁ ଅଧିକ ରିଲିଫ ସାମଗ୍ରୀ

ଇତିମଧ୍ୟରେ ନେପାଳକୁ ଯୋଗାଇ ଦିଆଯାଇଛି । ସନ୍ଧାନ ଏବଂ ଉଦ୍ଧାର ତଥା ମୃତଦେହ ଚିହ୍ନଟ କ୍ଷେତ୍ରରେ ସହାୟତା ପାଇଁ ୫୪ଜଣ ବିଶେଷଜ୍ଞଙ୍କୁ ଭାରତ ସେଠାରେ ନିୟୋଜିତ କରିଛି । ନେପାଳରେ ଥିବା ଭାରତୀୟ ଦୂତାବାସ ଗତକାଲି କହିଛି ୩୫ଟନ୍ ରିଲିଫ ଏବଂ ଉଦ୍ଧାର ସାମଗ୍ରୀ ନେଇ ଅଷ୍ଟମ ଭାରତୀୟ ବାୟୁସେନା ବିମାନ କାଠମାଣ୍ଡୁରେ ଅବତରଣ କରିଛି । ସନ୍ଧାନ ଏବଂ ଉଦ୍ଧାରକାର୍ଯ୍ୟରେ ସହଯୋଗ ପାଇଁ ଭାରତ ବିଭିନ୍ନ ପ୍ରକାର ବୈଷୟିକ ଉପକରଣ ନେପାଳକୁ ପ୍ରଦାନ କରିଛି ବୋଲି ଦୂତାବାସ କହିଛି ।

ଅନ୍ୟପକ୍ଷରେ ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୧ହଜାର ୩୭୭କୁ ବୃଦ୍ଧିପାଇଛି । ୫ହଜାରରୁ ଅଧିକ ଲୋକ ଏବେ ମଧ୍ୟ ନିଖୋଜ ଥିବା ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ନେପାଳର ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଓ ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି ଚିତଓ୍ୱାନରେ ସର୍ବାଧିକ ୩୬୪ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ମଧ୍ୟରେ ପୂର୍ବ ନଓ୍ୱଲପରସିରେ ୨୨୮ ଏବଂ ପଶ୍ଚିମ ନଓ୍ୱଲପରସିରେ ୨୨୨ଜଣଙ୍କର ପ୍ରାଣହାନି ଘଟିଛି । ୧୩ହଜାର ୬୦୦ରୁ ଅଧିକ ଲୋକଙ୍କୁ ଇତିମଧ୍ୟରେ ଉଦ୍ଧାର କରାଯାଇ ସାରିଲାଣି । ଚୀନ୍ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ ସେପାଖରେ ୪୩ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ତିବ୍ବତପଟେ ୫୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ନାଭାଲ

ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ ସିଡ୍‌ନୀଠାରେ ଅଷ୍ଟ୍ରେଲୀୟ ଫ୍ଲିଟ କମାଣ୍ଡର ରିୟର ଆଡମିରାଲ ଅନୀତା ଓ୍ୱିଲିୟମ୍ସଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଦୁଇଦେଶର ନୌସେନା

ମଧ୍ୟରେ ସହଯୋଗ ଏବଂ ଆନ୍ତଃ କାର୍ଯ୍ୟଦକ୍ଷତା ବୃଦ୍ଧିକରିବା ପ୍ରସଙ୍ଗରେ ମତ ବିନିମୟ ହୋଇଥିବା ଭାରତୀୟ ନୌସେନା କହିଛି । ଅଷ୍ଟ୍ରେଲିଆର ଉନ୍ନତ ନୌସେନା ଦକ୍ଷତା, ଯୋଜନାବଦ୍ଧ କାର୍ଯ୍ୟାନ୍ୱୟନ ଆଦି ଉପରେ ବୈଠକରେ ଆଲୋଚନା ହୋଇଛି । ଆଡମିରାଲ ସ୍ୱାମୀନାଥନ କୁଟାବୁଲଠାରେ ରୟାଲ ଅଷ୍ଟ୍ରେଲୀୟ ନୌସେନା ଘାଟି ଏବଂ ଭିତ୍ତିଭୂମି କ୍ଷେତ୍ର ପରିଦର୍ଶନ କରିଛନ୍ତି ।

ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଆଡମିରାଲ ସ୍ୱାମୀନାଥନ ଦ୍ୱିପାକ୍ଷିକ ସାମୁଦ୍ରିକ ଓ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା ନେଇ ଉଭୟ ରାଷ୍ଟ୍ରର ନୌସେନା ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଅଷ୍ଟ୍ରେଲିଆ ଗସ୍ତ ଶେଷ ପରେ ନ୍ୟୁଜିଲାଣ୍ଡଠାରେ ଆଡମିରାଲ ସ୍ୱାମୀନାଥନ ସେଠାକାର ବରିଷ୍ଠ ନୌସେନା ଓ ପ୍ରତିରକ୍ଷା ଅଧିକାରୀଙ୍କ ସହ ସେନା ପ୍ରଶିକ୍ଷଣ, ସୂଚନା ଆଦାନପ୍ରଦାନ ଏବଂ କାର୍ଯ୍ୟାନ୍ୱୟନ ସହଯୋଗ ନେଇ ଆଲୋଚନା କରିବେ ।

---

## ଏସୀୟ କପ୍

ଏସୀଆ କପ୍ ଟି-୨୦ ମହିଳା କ୍ରିକେଟ୍ ପ୍ରତିଯୋଗିତାର ଆଜି ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଦୁବାଇଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍‌ରେ ଭାରତ ଏବଂ ବାଂଲାଦେଶ ପରସ୍ପରକୁ ଭେଟିବେ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଏପର୍ଯ୍ୟନ୍ତ ଭାରତ' ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଅପରାଜେୟ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଛି । ଗ୍ରୁପ୍ ପର୍ଯ୍ୟାୟରେ ଭାରତ' ଥାଇଲାଣ୍ଡ, ହଂକଂ ଏବଂ ପାକିସ୍ତାନକୁ ପରାସ୍ତ କରିଛି । ଭାରତ-ବାଂଲାଦେଶ ମଧ୍ୟରେ

ଟି-୨୦ ମ୍ୟାଚ୍‌ର ସମୀକ୍ଷା କଲେ ଜଣାପଡେ ୨୪ଟିରୁ ଭାରତ’ ୨୧ଟିରେ ବିଜୟ ହାସଲ କରିଛି । ଦୁଇଦେଶ ମଧ୍ୟରେ ଖେଳାଯାଇଥିବା ଶେଷ ୮ଟି ମ୍ୟାଚ୍ ମଧ୍ୟରେ ଭାରତ ଅପରାଜିତ ରହିଛି ।

ଆସନ୍ତାକାଲି ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ।

---

## ଆଇଏମ୍‌ଡି

ଓଡ଼ିଶାରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗର ଗାଙ୍ଗେୟକ୍ଷେତ୍ର, ବିହାର, ଝାଡ଼ଖଣ୍ଡ, ଛତିଶଗଡ, କେରଳମ୍, ମାହେ ଏବଂ ଉତ୍ତରାଖଣ୍ଡରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳରେ ଆଜି ଗରମ, ଗୁଳଗୁଳି ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।

---